# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 02 October - 2023

### News Editor : TAPAN KUMAR MAHARANA

**********************************

## ମୁଖ୍ୟ ସମ୍ବାଦ

- ଜାତିର ପିତା ମହାତ୍ମା ଗାନ୍ଧୀ  ଏବଂ ଜନନାୟକ ଲାଲବାହାଦୂର ଶାସ୍ତ୍ରୀଙ୍କ ପୁଣ୍ୟ ଜନ୍ମତିଥିରେ ଦେଶବାସୀ ଦେଲେ ଶ୍ରଦ୍ଧାଞ୍ଜଳୀ

– ଗାନ୍ଧିଜୀଙ୍କ ଚିନ୍ତାଧାରା ମାନବ ସମାଜକୁ ନିରନ୍ତର ପ୍ରେରଣା ଯୋଗାଉଛି ବୋଲି କହିଲେ ରାଷ୍ଟ୍ରପତି

- ସାଇବର ଠକେଇ ବାବଦରେ ଲୋକଙ୍କୁ ସଚେତନ କରାଇବା ପାଇଁ ଆଜିଠାରୁ ରାଜ୍ୟରେ ଆରମ୍ଭ ହେଲା ସଚେତନତା କାର୍ଯ୍ୟକ୍ରମ

- ବରଗଡ଼ ଏବଂ ସମ୍ବଲପୁର ଜିଲ୍ଲାରେ ସ୍କ୍ରବ ଟାଇଫସର ସ୍ଥିତିର ଅନୁଧ୍ୟାନ କଲେ କେନ୍ଦ୍ରୀୟ ଦଳ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲାଗିରହିଛି ବର୍ଷା

# ଗାନ୍ଧି-ଶାସ୍ତ୍ରୀ ଜୟନ୍ତୀ

ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବ ପ୍ରଧାନମନ୍ତ୍ରୀ ତଥା ମହାନ ଜନନାୟକ ଲାଲବାହାଦୂର ଶାସ୍ତ୍ରୀଙ୍କ ପୂଣ୍ୟ ଜନ୍ମତିଥି ଆଜି ସାରା ଦେଶରେ ପାଳନ କରାଯାଉଛି। ଗାଁରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଥିବା ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଗୁଜରାଟର ପୋରବନ୍ଦରଠାରେ ୧୮୬୯ ମସିହା ଅକ୍ଟୋବର ଆଜିର ଦିନରେ ମୋହନ ଦାସ କରମଚାନ୍ଦ ଗାନ୍ଧୀ ଜନ୍ମଗ୍ରହଣ କରିଥିଲେ । ବିଦେଶରୁ ଓକିଲାତି ପାସ୍ କରିବା ପରେ ସେ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ସତ୍ୟ ଓ ଅହିଂସା ପଥରେ ସଫଳତା ପାଇଥିଲେ । ନିଶା ନିବାରଣ, ସ୍ୱଚ୍ଛତା, ଗ୍ରାମ୍ୟ ସ୍ୱରୋଜଗାରକୁ ସେ ସର୍ବଦା ପ୍ରାଥମିକତା ଦେଉଥିଲେ।

ଅନ୍ୟ ଜଣେ ମହାପୁରୁଷ ଏବଂ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀ ୧୯୦୪ ମସିହା ଅକ୍ଟୋବର ମାସ ଆଜିର ଦିନରେ ଉତ୍ତରପ୍ରଦେଶର ମୋଗଲସରାଇରେ ଜନ୍ମଗ୍ରହଣ କରିଥିଲେ। ଜଣେ ସଫଳ, ଦୂରଦର୍ଶୀ ଓ ସଚ୍ଚୋଟ ରାଜନେତା ଭାବେ ଭାରତୀୟ ରାଜନୀତିକ ଦୃଶ୍ୟପଟ୍ଟରେ ସେ ଯେଉଁ ଛାପ ଛାଡ଼ିଛନ୍ତି, ତାହା ସମଗ୍ର ବିଶ୍ୱ ପାଇଁ ଅତୁଳନୀୟ ଅବଦାନ ହୋଇ ରହିଛି। ୧୯୬୪ରୁ ୧୯୬୬ ମସିହା ପର୍ଯ୍ୟନ୍ତ ସ୍ୱଳ୍ପ କାଳର ପ୍ରଧାନମନ୍ତ୍ରିତ୍ୱ ସମୟରେ ତାଙ୍କ କାର୍ଯ୍ୟ ଓ ଉଚ୍ଚକୋଟୀର ଏବଂ ପ୍ରଶଂସନୀୟ ଥିଲା।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହିତ  ଗାନ୍ଧିଜୀଙ୍କ ଚିନ୍ତାଧାରା ମାନବ ସମାଜକୁ ନିରନ୍ତର ପ୍ରେରଣା ଯୋଗାଉଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ପ୍ରତି ନମନ ଜଣାଇଛନ୍ତି। ସେ କହିଛନ୍ତି, ଗାନ୍ଧିଜୀଙ୍କର କାଳଜୟୀ ବାଣୀ ମନୁଷ୍ୟ ସମାଜକୁ ଆଲୋକିତ କରୁଛି। ମହାତ୍ମାଗାନ୍ଧିଙ୍କ ବିଚାର ସାରା ବିଶ୍ୱକୁ ଅନୁପ୍ରାଣିତ କରିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଲୋକଙ୍କ ସହ ମିଶିବା ଓ ସେମାନଙ୍କ ଆପେଣଇ ନେବା ବାପୁଙ୍କ ବିଶେଷତ୍ୱ ଥିଲା । ସେହିପରି ଆମ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଲାଲ୍‌ବାହାଦୁର ଶାସ୍ତ୍ରୀ ତାଙ୍କ ଦୃଢ଼ ନେତୃତ୍ୱ ପାଇଁ ଚିରସ୍ମରଣୀୟ ହୋଇ ରହିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଗାନ୍ଧିଜୟନ୍ତୀ ଅବସରରେ ଆଜି ସକାଳୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଭାତଫେରୀ କାର୍ଯ୍ୟକ୍ରମ ହୋଇଯାଇଛି। ଓଡ଼ିଶା ବିଧାନସଭା ପରିସରରେ ରାଜ୍ୟସ୍ତରୀୟ ଗାନ୍ଧି ଜୟନ୍ତୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଜାତିର ପିତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଭାରତ ରତ୍ନ ଲାଲବାହାଦୂର ଶାସ୍ତ୍ରୀଙ୍କ ସରଳତା ଏବଂ ଅଖଣ୍ଡତା ଭାରତର ସାମୂହିକ ଚେତନାରେ ଏକ ଅବିସ୍ମରଣୀୟ ଚିହ୍ନ ବୋଲି ସେ କହିଛନ୍ତି।

ଓଡ଼ିଶା ହାଇକୋର୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ହାଇକୋର୍ଟର ନୂଆ ଭବନରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟ ବିଚାରପତି ଜଷ୍ଟିସ ସୁଭାଶିଷ ତଲାପତ୍ରଙ୍କ ସମେତ ଅନ୍ୟ ବିଚାରପତିଗଣ, ହାଇକୋର୍ଟ ବାର୍ ଆସୋସିଏସନ୍ କର୍ମକର୍ତ୍ତା ମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଐତିହାସିକ ସ୍ୱରାଜ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ସ୍ୱରାଜ ଆଶ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଛି।

ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହ ସ୍ମୃତିପୀଠରେ ଗାନ୍ଧି ଜୟନ୍ତୀ ପାଳନ ହୋଇଥିବାବେଳେ ରାୟଗଡ଼ା ଜିଲ୍ଲା ପ୍ରଶାସନ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ୧୫୫ତମ ଗାନ୍ଧି ଜୟନ୍ତୀ ଓ ୧୨୦ତମ ଶାସ୍ତ୍ରୀୟ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଗଜପତି ଛକଠାରୁ ଗାନ୍ଧୀ ପ୍ରମୋଦ ଉଦ୍ୟାନ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି।

ନୟାଗଡ଼ ଜିଲ୍ଲାର ଖଡ଼ିସାହି ଠାରେ ସ୍ୱଚ୍ଛତା ହିଁ ସେବା ଅଭିଯାନ 'ଆମ ପରିବେଶ ସ୍ୱଚ୍ଛ ରହିଲେ, ଆମେ ସୁସ୍ଥ ରହିବା' ସଚେତନତା ଜରୁରୀ କାର୍ଯ୍ୟକ୍ରମ କରାଯାଇଛି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଛି। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ଭବାନୀପାଟଣା ସହରରେ ଗାନ୍ଧୀଛକ, ଶାସ୍ତ୍ରୀ ଷ୍ଟାଡିୟମ୍ ଓ ଗାନ୍ଧୀ ପ୍ରମୋଦ ଉଦ୍ୟାନରେ ସାମୂହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି।

ଗାନ୍ଧିଜୟନ୍ତୀ ଅବସରରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଗାନ୍ଧୀଙ୍କ ଜୀବନ ଦର୍ଶନ ଉପରେ ଚଳଚ୍ଚିତ୍ର ପ୍ରଦର୍ଶନର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି ।

***Gajapti/Nabarangpur/HS/Raygada***

## ସାଇବର ସଚେତନତା ରଥ

ରାଜ୍ୟରେ ସାଇବର ଠକେଇ ବୃଦ୍ଧି ପାଉଥିବାରୁ ଲୋକଙ୍କୁ ସଚେତନ କରାଇବା ପାଇଁ ଆଜିଠାରୁ ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ସାଇବର ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି । ସାଇବର ଅପରାଧକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ପକ୍ଷ ପାଳନ ସହିତ ସଚେତନତା ରଥକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଗତ ଶନିବାର ଦିନ ଶୁଭାରମ୍ଭ କରିଥିଲେ । ରାଜ୍ୟର ସବୁ ବ୍ଲକରେ ୩୪ଟି ସାଇବର ସୁରକ୍ଷା ସଚେତନତା ରଥ ପରିକ୍ରମା କରି ସାଇବର ଠକେଇ ବାବଦରେ ଲୋକମାନଙ୍କୁ ବୁଝାଇବା କାମ ଆଜିଠାରୁ ଆରମ୍ଭ ହୋଇଛି । ମିଶନଶକ୍ତି ମହିଳା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ଏଥିରେ ସାମିଲ ହୋଇଛନ୍ତି । ସାଇବର ଠକେଇ ସମ୍ବନ୍ଧୀୟ କ୍ଷୁଦ୍ର ଚଳଚ୍ଚିତ୍ର କ୍ରାଇମବ୍ରାଞ୍ଚ ପକ୍ଷରୁ ପ୍ରସ୍ତୁତ କରାଯାଇଛି ।

ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ, ଗଜପତି, ରାୟଗଡ଼ା ନବରଙ୍ଗପୁର ଜିଲ୍ଲାରେ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା-୨୦୨୩କୁ ନେଇ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକଙ୍କୁ ସଚେତନ କରାଇବା ପାଇଁ ଜିଲ୍ଲାସ୍ତରରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ରଥ ପରିକ୍ରମା

ସହିତ ପଥପ୍ରାନ୍ତ ନାଟକ, ପ୍ରଦର୍ଶନୀ ମାଧ୍ୟମରେ ସାଇବର ଠକେଇ ନେଇ ସଚେତନ କରାଯାଉଛି ।

***Nabarangpur***

## ଘରୋଇ ବସ୍ ଚଳାଚଳ ବନ୍ଦ

ରାଜ୍ୟ ସରକାରଙ୍କ ଦ୍ୱାରା ଲକ୍ଷ୍ମୀ ଯୋଜନା କାର୍ଯ୍ୟକାରିତା ପ୍ରତିବାଦରେ ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆଜି ବସ୍ ଚଳାଚଳ ବନ୍ଦ ରହିଛି । ସରକାରଙ୍କର ଏହି ନିଷ୍ପତ୍ତିକୁ ବିରୋଧ କରି  ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଦୃଢ଼ ପ୍ରତିବାଦ କରାଯାଇଛି । ଅପରପକ୍ଷରେ ଘରୋଇ ବସ୍ ଚଳାଚଳ ବନ୍ଦ ଥିବାରୁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

## ସ୍କ୍ରବ ଟାଇଫସ

ସ୍କ୍ରବ ଟାଇଫସର ସ୍ଥିତି ଅନୁଧ୍ୟାନ କରିବା ପାଇଁ ନୂଆଦିଲ୍ଲୀରୁ ଆସିଥିବା ୬ ଜଣିଆ କେନ୍ଦ୍ରୀୟ ଦଳ ବରଗଡ଼ ଏବଂ ସମ୍ବଲପୁର ଜିଲ୍ଲାର ସ୍ଥିତି ଅନୁଧ୍ୟାନ କରିଛନ୍ତି । ବରଗଡ଼ ଜିଲ୍ଲାରେ ସ୍କ୍ରବ ଟାଇଫସ କୀଟାଣୁ ଆକ୍ରାନ୍ତ ସନ୍ଦେହରେ ୧ ହଜାର ୭୭୫ ଜଣଙ୍କର ରକ୍ତ ନମୂନା ପରୀକ୍ଷା କରାଯାଇଥିବାବେଳେ ଅଣାନବେ ଜଣଙ୍କ ଠାରେ ଏହି କୀଟାଣୁର ଭୂତାଣୁ ଥିବା ଜଣାପଡ଼ିଛି । ବରଗଡ଼ ଜିଲ୍ଲାରେ ସ୍କ୍ରବ ଟାଇଫସ ଆକ୍ରାନ୍ତରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ସୂତ୍ରରୁ ଆମ ସମ୍ବାଦଦାତା ଜଣାଇଛନ୍ତି । ସେହିଭଳି ସମ୍ବଲପୁର ଜିଲ୍ଲା ବୁର୍ଲା ଭୀମସାର୍ ଠାରେ କେନ୍ଦ୍ରୀୟ ଦଳ ଆଜି ପହଁଞ୍ଚି ସ୍ଥିତିର

ଅନୁଧ୍ୟାନ କରିଛନ୍ତି। ଏହି କେନ୍ଦ୍ରୀୟ ଦଳ ଗତ ଦୁଇଦିନ ତଳେ  ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲା ବୁଲି ସ୍ଥିତିର ଅନୁଧ୍ୟାନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧରେ ସ୍ୱାସ୍ଥ୍ୟ ପରିବାର ମନ୍ତ୍ରଣାଳୟ ପକ୍ଷରୁ ୬ ଜଣିଆ କେନ୍ଦ୍ରୀୟ ଦଳ ଆସିଥିବା ଜଣାପଡ଼ିଛି।

***Desk***

## ରାଜ୍ୟ ବିହନ ନିଗମ ଲାଭାଂଶ ଦେବେ

ଓଡ଼ିଶା ରାଜ୍ୟ ବିହନ ନିଗମ ତୃତୀୟଥର ପାଇଁ ଅଂଶୀଦାରମାନଙ୍କୁ ଲାଭାଂଶ ଦେବେ। ଓଡ଼ିଶା ରାଜ୍ୟ ବିହନ ନିଗମର ୪୫ତମ ବାର୍ଷିକ ସାଧାରଣ ବୈଠକରେ ନିଗମର ଅଧ୍ୟକ୍ଷ ବିଜୟ କୁମାର ନାୟକ ଏହି ସୂଚନା ଦେଇଛନ୍ତି। ଓଡ଼ିଶା ରାଜ୍ୟ ବିହନ ନିଗମ ଅଂଶୀଦାରମାନଙ୍କୁ ଶତକଡ଼ା ୧୧ ଭାଗ ଲାଭାଂଶ ଦେଉଥିବାବେଳେ ଏଥରକ ମିଶାଇ ଚତୁର୍ଥ ଥର ପାଇଁ ନିଗମ ଅଂଶୀଦାରମାନଙ୍କୁ ଲାଭାଂଶ ଦେବ ବୋଲି ସେ କହିଛନ୍ତି। ଗତ ଆର୍ଥିକ ବର୍ଷରେ ନିଗମ ୩ କୋଟି ଲାଭ କରିଥିବା ଶ୍ରୀ ନାୟକ ବୈଠକରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରଥମଥର ପାଇଁ ନିଗମ ୨୦୦ କୋଟି ବ୍ୟବସାୟ ଅତିକ୍ରମ କରି ୨୦୯ କୋଟି ଟଙ୍କା ବ୍ୟବସାୟ କରିଛି। ଗତ ଆର୍ଥିକ ବର୍ଷରେ ଏହି ବ୍ୟବସାୟ ୧୮୭ କୋଟି ଟଙ୍କା ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ୨୨୫ କୋଟି ଟଙ୍କା ବ୍ୟବସାୟ କରିବାକୁ ନିଗମ ଲକ୍ଷ୍ୟ ରଖିଥିବା ସେ ଜଣାଇଛନ୍ତି। ଚଳିତ ଖରିଫ ଋତୁରେ ନିଗମ ୪ ଲକ୍ଷ କୁଇଣ୍ଟାଲ ପ୍ରାମାଣିକ ଧାନବିହନ ୧୦ ହଜାର କୁଇଣ୍ଟାଲ ପ୍ରାମାଣିକ ଚିନାବାଦାମ ବିହନ, ୧ ହଜାର କୁଇଣ୍ଟାଲ ପ୍ରାମାଣିକ ମାଣ୍ଡିଆ ବିହନ ଏବଂ ୫ ଶହ କୁଇଣ୍ଟାଲ ପ୍ରାମଣିକ ଡରଡ଼ ଡାଲି ବିହନ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିବା ବୈଠକରେ ପ୍ରକାଶ ପାଇଛି।

ସରକାରୀ, ବେସରକାରୀ ଢାଞ୍ଚାରେ ବିଜ୍ଞପ୍ତିତ ପରିଷଦ ଅଞ୍ଚଳରେ ୩୧୪ଟି ବିହନ କେନ୍ଦ୍ର ଖୋଲାଯିବ। ବିହନ କେନ୍ଦ୍ରଗୁଡ଼ିକ ପରିଚାଳନା କରିବା ପାଇଁ ସ୍ୱୟଂସହାୟକ ଗୋଷ୍ଠୀ ଏବଂ କୃଷକ ଉତ୍ପାଦକ ସଂସ୍ଥାକୁ ଅଗ୍ରାଧିକାର ଦିଆଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

***Desk***

## ବ୍ରତତୀ ହରିଚନ୍ଦନ

ରାଜ୍ୟ ଭିନ୍ନକ୍ଷମ କମିଶନର ଭାବେ ବ୍ରତତୀ ହରିଚନ୍ଦନଙ୍କୁ ନିଯୁକ୍ତି ଦିଆଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଜ୍ୟ ଭିନ୍ନକ୍ଷମ କମିଶନର ଭାବେ ମେୟର ସୁଲୋଚନା ଦାସ କାର୍ଯ୍ୟ କରୁଥିଲେ।

***Kalahandi***

## ସିଆରପିଏଫ୍ ସ୍ଥାପନା ଦିବସ

କଳାହାଣ୍ଡି ଜିଲ୍ଲା ଅଟ୍ଟାଙ୍ଗଗୁଡ଼ା ସ୍ଥିତ ସିଆରପିଏଫ୍ କ୍ୟାମ୍ପଠାରେ ସିଆର୍‌ପିଏଫ୍‌ର ସ୍ଥାପନା ଦିବସ ପାଳିତ ହୋଇଯାଇଛି। ସିଆର୍‌ପିଏଫ୍ ଦ୍ୱିତୀୟ କମାଣ୍ଡ ଅଧିକାରୀ ପ୍ରଶାନ୍ତ ମିଶ୍ର, ଡେପୁଟି କମାଣ୍ଡାଣ୍ଟ ସଚ୍ଚିଦାନନ୍ଦ ପାତ୍ର, ଡିଆଇଜି ବିଡିକା ସିଂ ପ୍ରମୁଖ ଯୋଗଦେଇ ସିଆର୍‌ପିଏଫ୍‌ର ସ୍ଥାପନା ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଯବାନମାନଙ୍କୁ ଉତ୍ସାହିତ ଏବଂ ମନୋବଳ ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

*Met. O.*

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ଆସନ୍ତା ବୁଧବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର ଓ ସମ୍ବଲପୁର ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରିଛି। ଉପକୂଳ ଓଡ଼ିଶା ସମେତ ରାଜ୍ୟର ଅନ୍ୟ କେତେକ ସ୍ଥାନରେ ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ ବିଭାଗ କହିଛି।

*********************************